# NATIONAL NEWS BULLETIN (ODIA)

**24 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ବଜେଟ୍‌ରେ ପାତରଅନ୍ତର ହୋଇଥିବା ସଂକ୍ରାନ୍ତ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।

- ମହାରାଷ୍ଟ୍ରରେ ରେଳବାଇ କ୍ଷେତ୍ରର ଉନ୍ନତି ପାଇଁ କେନ୍ଦ୍ର ବଜେଟ୍‌ରେ ଆଖିଦୃଶିଆ ଅନୁଦାନ ରାଶି ପ୍ରଦାନ କରାଯାଇଛି- କହିଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

- ସୁପ୍ରିମକୋର୍ଟରେ ବିଚାରାଧୀନ ମାମଲାର ଆପୋଷ ଫଏସଲା ଲକ୍ଷ୍ୟରେ ଆସନ୍ତା ୨୯ରୁ ୩ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଲୋକ ଅଦାଲତ ।

- ନେପାଳରେ ଏକ ବିମାନ ଦୁର୍ଘଟଣାରେ ୧୮ଜଣଙ୍କର ମୃତ୍ୟୁ ।

ଏବଂ

- ଏସିଆ କପ୍ ଟି-୨୦ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଆଉ ଅଳ୍ପ ସମୟ ପରେ ବାଂଲାଦେଶ ଏବଂ ମାଲେସିଆ ମଧ୍ୟରେ ହେବ ମୁକାବିଲା ।

# ପାର୍ଲ୍ୟାମେଣ୍ଟ-ବଜେଟ୍

ବଜେଟ୍‌ରେ ପାତରଅନ୍ତର କରାଯାଇଛି ବୋଲି ବିରୋଧୀ ଦଳଙ୍କ ଅଭିଯୋଗକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଖଣ୍ଡନ କରିଛନ୍ତି । ରାଜ୍ୟସଭାରେ ଆଜି ଶୂନ୍ୟକାଳରେ ବିରୋଧୀ ପକ୍ଷଙ୍କ ତରଫରୁ ଆଗତ ଏ ସଂକ୍ରାନ୍ତ ପ୍ରସଙ୍ଗ ଆଲୋଚନାର ଉତ୍ତରରେ ଅର୍ଥମନ୍ତ୍ରୀ କହିଛନ୍ତି କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳ ବଜେଟ୍‌ରେ ପାତରଅନ୍ତର କରାଯାଇଛି ବୋଲି ଅପପ୍ରଚାର କରୁଛନ୍ତି । ବିରୋଧୀ ପକ୍ଷ ଶାସିତ ରାଜ୍ୟଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଇ ନାହିଁ ବୋଲି ହେଉଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ବଜେଟ୍ ଉପସ୍ଥାପନ ବେଳେ ପ୍ରତ୍ୟେକ ରାଜ୍ୟର ନାମ ଘୋଷଣା କରିବା ସମ୍ଭବ ହୋଇନଥାଏ । କିନ୍ତୁ କେନ୍ଦ୍ରୀୟ ବଜେଟ୍‌ରେ ପ୍ରଦାନ କରାଯାଉଥିବା ଅର୍ଥ ଏବଂ କେନ୍ଦ୍ରୀୟ ଯୋଜନା ବାବଦ ଅର୍ଥ ସବୁ ରାଜ୍ୟ ପାଇଁ କାର୍ଯ୍ୟକାରୀ କରାଯାଇଥାଏ । ଏଭଳି ଆଲୋଚନା ତଥ୍ୟଭିତ୍ତିକ ନୁହେଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ କେତେକ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ଅର୍ଥ ମଞ୍ଜୁର କରିଛନ୍ତି । ରାଜ୍ୟସଭାର ଆଜି ଅଧିବେଶନ ଆରମ୍ଭ ହେବାକ୍ଷଣି ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏ ପ୍ରସଙ୍ଗ ଉତ୍‌ଥାପନ କରି କହିଥିଲେ କେନ୍ଦ୍ର ସରକାର ନିଜର ସ୍ଥିତି ବଞ୍ଚାଇବା ପାଇଁ ଏଭଳି ବଜେଟ୍ ପ୍ରସ୍ତୁତ କରିଛନ୍ତି । ସବୁ ବିରୋଧୀ ଦଳ ମଧ୍ୟ ଏଥିରେ ଏକମତ ବୋଲି ସେ କହିଛନ୍ତି । ତେବେ ଅର୍ଥମନ୍ତ୍ରୀଙ୍କ ଉତ୍ତର ପ୍ରତିବାଦରେ ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ଲୋକସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା । ବିରୋଧୀଙ୍କର ଏଭଳି ପଦକ୍ଷେପକୁ ବାଚସ୍ପତି ଓମ୍ ବିର୍ଲା ନାପସନ୍ଦ କରିଥିଲେ । ସେ କହିଥିଲେ ପ୍ରଶ୍ନୋତ୍ତର କାଳକୁ ବିରୋଧୀ ସଦସ୍ୟମାନେ ନଷ୍ଟ କରୁଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ବିରୋଧୀ ସଦସ୍ୟଙ୍କ ଏଭଳି ପଦକ୍ଷେପକୁ ନାପସନ୍ଦ କରିଛନ୍ତି ।

## ଏଲ୍ଏସ୍-ଅଶ୍ୱିନୀ

କେନ୍ଦ୍ର ବଜେଟ୍‌ରେ ମହାରାଷ୍ଟ୍ରର ରେଳବାଇ କ୍ଷେତ୍ର ପାଇଁ ଆଖିଦୃଶିଆ ଅନୁଦାନ ରାଶି ପ୍ରଦାନ କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ  ବୈଷ୍ଣବ କହିଛନ୍ତି । ଲୋକସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ମହାରାଷ୍ଟ୍ରର ଭଡସାଗଡ-ଚିରୋଲି ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ସେ କହିଛନ୍ତି ମହାରାଷ୍ଟ୍ରରେ ରେଳବାଇ କ୍ଷେତ୍ର ପାଇଁ କେନ୍ଦ୍ର ସରକାର ପ୍ରାଧାନ୍ୟ ଦେଇ ଆସିଛନ୍ତି । ଗତ ଆର୍ଥିକ ବର୍ଷରେ ରାଜ୍ୟକୁ ୧୩ହଜାର ୫ଶହ ଅଣଚାଳିଶ କୋଟି ଟଙ୍କାର ପାଣ୍ଠି ମିଳିଥିଲା । ସେ ଉଲ୍ଲେଖ କରିଥିଲେ ଯେ ୟୁପିଏ ସରକାରଙ୍କ ଅମଳରେ ବାର୍ଷିକ ମାତ୍ର ୫୮ କିଲୋମିଟର ରେଳ ଲାଇନ୍ ନିର୍ମାଣ କରାଯାଇଥିବାବେଳେ ଏନ୍‌ଡିଏ ସରକାରଙ୍କ ଗତ ୧୦ ବର୍ଷରେ ଏହା ବାର୍ଷିକ ୧୮୩ କିଲୋମିଟର ରହିଥିଲା ।

# ଖେଲୋଇଣ୍ଡିଆ–ସୀତାରମଣ

ତୃଣମୂଳସ୍ତରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆୟୋଜିତ ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ବଜେଟ୍‌ରେ ୯୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ ବଜେଟ୍‌ରେ କ୍ରୀଡ଼ାକ୍ଷେତ୍ର ପାଇଁ ମୋଟ୍ ୩ ହଜାର ୪୪୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ପାଇଁ ପୂର୍ବବର୍ଷ ତୁଳନାରେ ଏହା ୨୦କୋଟି ଟଙ୍କା ବୃଦ୍ଧି ପାଇଛି ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଉପସ୍ଥାପନ ସମୟରେ କହିଛନ୍ତି କ୍ରୀଡ଼ା କ୍ଷେତ୍ରକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏ ଦିଗରେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଥିଲେ । ଏହି ଅନୁଦାନ ରାଶି ମାଧ୍ୟମରେ କ୍ରୀଡ଼ାକ୍ଷେତ୍ର ଭିତ୍ତିଭୂମି ବିକାଶକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ୨୦୧୮ ମସିହାରେ ଉଦ୍‌ଘାଟିତ ହୋଇଥିବା ଏହି ଖେଲୋଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରତିବର୍ଷ ଅଧିକରୁ ଅଧିକ କ୍ରୀଡ଼ା କାର୍ଯ୍ୟକ୍ରମ ସାମିଲ ହେଉଛି । କ୍ରୀଡ଼ା ମନ୍ତ୍ରଣାଳୟ ୨୦୨୦ ମସିହାରେ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍‌ସ ଏବଂ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଆରମ୍ଭ କରିଥିବାବେଳେ ୨୦୨୩ରେ ଖେଲୋଇଣ୍ଡିଆ ପାରା ଗେମ୍‌ସର ଶୁଭାରମ୍ଭ ହୋଇଥିଲା ।

## ଏସ୍‌ସି-ଲୋକ ଅଦାଲତ

ସୁପ୍ରିମକୋର୍ଟରେ ବିଚାରାଧୀନ ରହିଥିବା ମାମଲାଗୁଡ଼ିକର ଆପୋଷ ଫଏସଲା ଲକ୍ଷ୍ୟରେ ଆସନ୍ତା ୨୯ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଲୋକ ଅଦାଲତ ଆୟୋଜନ କରାଯିବ । ପ୍ରଧାନ ବିଚାରପତି ଜଷ୍ଟିସ ଡି.ଓ୍ୱାଇ. ଚନ୍ଦ୍ରଚୂଡ ଏହି ପଦକ୍ଷେପର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସୁପ୍ରିମକୋର୍ଟ ପ୍ରତିଷ୍ଠାର ୭୫ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି ।

## ନେପାଳ-ପ୍ଲେନ୍ କ୍ରାସ୍

ନେପାଳରେ ଏକ ବିମାନ ଦୁର୍ଘଟଣାରେ ୧୮ଜଣଙ୍କର ମୃତ୍ୟୁ ହୋଇଛି । କାଠମାଣ୍ଡୁସ୍ଥିତ ତ୍ରିଭୁବନ ଆନ୍ତର୍ଜାତିକ ବିମାନବନ୍ଦରରେ ଆଜି ସୂର୍ଯ୍ୟ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ପୁଲିସ ବରିଷ୍ଠ ଅଧିକ୍ଷକ ଦମ୍ବର ବାହାଦୂର କହିଛନ୍ତି ଦୁର୍ଘଟଣା ପରେ ମୃତ୍ୟୁ ହୋଇଥିବା ୧୮ଜଣଙ୍କର ମୃତଦେହକୁ ଉଦ୍ଧାର କରାଯାଇଛି । ତେବେ ଜଣେ ବିମାନ କର୍ମଚାରୀଙ୍କୁ ସୁରକ୍ଷିତ ଅବସ୍ଥାରେ କରାଯାଇଛି ।  ମୃତଦେହଗୁଡ଼ିକୁ ତ୍ରିଭୁବନ ଶିକ୍ଷା ହାସପାତାଳ ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର କରିବା ପାଇଁ

ପ୍ରକ୍ରିୟା ଜାରି ରହିଛି । ବିମାନଟି ସୂର୍ଯ୍ୟ ଏୟାର ଲାଇନ୍ସର କର୍ମଚାରୀ ଏବଂ ବୈଷୟିକ ଟିମ୍‌କୁ ନେଇ ପୋଖରା ଅଭିମୁଖେ ଯାତ୍ରା କରୁଥିଲା । ନେପାଳର ଗୃହମନ୍ତ୍ରୀ ରମେଶ ଲେଖାକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି ।

## ଇଏସ୍‌ଆଇ-ଏମ୍ପ୍ଲଇ

ଚଳିତବର୍ଷ ମେ' ମାସରେ ୨୩ଲକ୍ଷରୁ ଅଧିକ ଶ୍ରମଜୀବୀ କର୍ମଚାରୀ ରାଜ୍ୟ ବୀମା ଯୋଜନା -ଇଏସ୍‌ଆଇରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଶ୍ରମ ଏବଂ ନିୟୋଜନ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସେମାନଙ୍କ ମଧ୍ୟରେ ୧୧ଲକ୍ଷରୁ ଊର୍ଦ୍ଧ୍ୱ ୨୫ବର୍ଷ ବିମାଧାରୀଙ୍କ ବୟସସୀମା ୨୫ବର୍ଷ ମଧ୍ୟରେ ରହିଛି । ମନ୍ତ୍ରଣାଳୟ କହିଛି ଗତ ମେ' ମାସରେ ଏହି ନୂତନ କର୍ମଚାରୀଙ୍କ ମଧ୍ୟରେ ୪ଲକ୍ଷ ୪୭ହଜାର ମହିଳା ଅନ୍ତର୍ଭୁକ୍ତ ।

## ଆମେରିକା ଗୁଇନ୍ଦା ସଂସ୍ଥା ମୁଖ୍ୟ ଇସ୍ତଫା

ରୋନାଲ୍ଡ ଏଲ୍ ରୋ ଜୁନିୟର ଆମେରିକା ଗୁଇନ୍ଦା ସଂସ୍ଥାର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି । ପୂର୍ବରୁ ସେ ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ । ଏହି ପଦବୀରେ ଦାୟିତ୍ୱ ନିର୍ବାହ କରୁଥିବା କିମ୍ବର୍ଲି ଚିଟ୍‌ଲେ ତାଙ୍କ ପଦରୁ ଇସ୍ତଫା ଦେବାପରେ ଶ୍ରୀ ରୋ ଜୁନିୟର ନିଯୁକ୍ତ ହୋଇଛନ୍ତି । ପେନ୍‌ସିଲ୍‌ଭାନିଆ ର୍‍ୟାଲିରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ

ଟ୍ରମ୍ପ୍‌ଙ୍କୁ ଗୁଳି ମାଡ଼ ଘଟଣାରେ ସୁରକ୍ଷା ତ୍ରୁଟି ନେଇ ଯାଞ୍ଚର ସମ୍ମୁଖୀନ ହେବା ପରିପ୍ରେକ୍ଷୀରେ ଶ୍ରୀ ଚିଟ୍‌ଲେ ଏହି ପଦକ୍ଷେପ ନେଇଥିଲେ । ଯାଞ୍ଚ କମିଟିରେ ଶୁଣାଣି ସମୟରେ ତାଙ୍କର ସାକ୍ଷ୍ୟ ପ୍ରଦାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ଜଣାଯାଇଛି । ଇ-ମେଲ୍ ମାଧ୍ୟମରେ ସେ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ।

# ଡେ ମି-ୟୁକେ ସେକ୍ରେଟାରୀ ଭିଜିଟ୍

ବିଟ୍ରେନ୍‌ର ବୈଦେଶିକ ସଚିବ ଡେଭିଡ ଲାମି ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ପ୍ରଥମ ସରକାରୀ ଗସ୍ତରେ ଆସି ଭାରତରେ ପହଞ୍ଚିଛନ୍ତି । ନୂଆଦିଲ୍ଲୀରେ ଶ୍ରୀ ଲାମି ପହଞ୍ଚିବା ପରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ତାଙ୍କୁ ସ୍ୱାଗତ କରିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ଏହି ଗସ୍ତ ଦୁଇଦେଶ ମଧ୍ୟରେ ବ୍ୟାପକ ରଣନୈତିକ ଭାଗିଦାରୀକୁ ସୁଦୃଢ଼ କରିବ ଏବଂ ଭାରତ ଓ ବ୍ରିଟେନ୍ ମଧ୍ୟରେ ଜୀବନ୍ତ ସେତୁକୁ ଅଧିକ ଶକ୍ତିଶାଳୀ କରିବ ।

ଶ୍ରୀ ଲାମି ଆଜି ସନ୍ଧ୍ୟାରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହି ଗସ୍ତ ଅବସରରେ ଶ୍ରୀ ଲାମି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ୍

ଏବଂ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ପୂର୍ବରୁ ଗତ ୬ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରିଟିସ୍ ପ୍ରତିପକ୍ଷ କିର୍ ଷ୍ଟାର୍ମେର୍ଙ୍କ ମଧ୍ୟରେ ଟେଲିଫୋନ୍ ମାଧ୍ୟମରେ  ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ଦୁଇ ଦେଶ ମିଳିମିଶି କାର୍ଯ୍ୟ କରିବା ନେଇ ସହମତି ପ୍ରକାଶ କରିଛନ୍ତି ।

# କ୍ରିକେଟ୍

ଏସିଆ କପ୍ ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ବିରେ ବାଂଲାଦେଶ ଏବଂ ମାଲେସିଆ ଆଉ ଅଳ୍ପସମୟ ପରେ ଶ୍ରୀଲଙ୍କାର ଦାମ୍ବୁଲା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ପରସ୍ପରକୁ ଭେଟିବେ ।  ବାଂଲାଦେଶ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

ଦ୍ୱିତୀୟ ମ୍ୟାଚ୍ଟି ଗ୍ରୁପ୍-ବିର ଶ୍ରୀଲଙ୍କା ଏବଂ ଥାଇଲାଣ୍ଡ ମଧ୍ୟରେ ଭାରତୀୟ ସମୟ ସଂଧ୍ୟା ୭ଟାରେ ଦାମ୍ବୁଲାଠାରେ ଖେଳାଯିବ ।

ଭାରତ ଗତକାଲି ନେପାଳକୁ ୮୨ରନ୍ରେ ପରାସ୍ତ କରି ଗ୍ରୁପ୍ ତାଲିକାରେ ଶୀର୍ଷସ୍ଥାନ ହାସଲ କରିଛି  । ଏଥିସହ ସେମିଫାଇନାଲ ପର୍ଯ୍ୟାୟରେ ନିଜର

ସ୍ଥାନକୁ ପକ୍କା କରିଛି । ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ପାକିସ୍ଥାନ ମଧ୍ୟ ସେମିଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି । ଦାମ୍ବୁଲା ଠାରେ ଅନୁଷ୍ଠିତ ଗତକାଲିର ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିଥିଲା । ସେଫାଲି ବର୍ମାଙ୍କ ୮୧ରନ୍ ବଳରେ ଭାରତ ୩ ଓ୍ୱିକେଟ୍‌ରେ ୧୭୮ରନ୍ ସଂଗ୍ରହ କରିଥିଲା । ୧୭୯ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ନେପାଳ ୬ ଓ୍ୱିକେଟ୍‌ରେ ୯୬ରନ୍ କରିବାକୁ ସକ୍ଷମ ହୋଇଥିଲା ।